# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 August - 2024**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ଅନୁସୂଚିତ ଜାତି ଓ ଜନଜାତି ବର୍ଗରେ ଉପବର୍ଗୀକରଣ ରାୟକୁ ସ୍ୱାଗତ କଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ
- ରାଜ୍ୟରେ ୪ ଶହ ବର୍ଗ କିଲୋମିଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମି ଜବରଦଖଲରେ ରହିଥିବା ନେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ସୂଚନା
- କନ୍ଧମାଳ ଜିଲ୍ଲାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସଂସଦରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କଲେ ସାଂସଦ ସୁକାନ୍ତ ପାଣିଗ୍ରାହୀ

ଏବଂ

- ରାଜ୍ୟରେ ବନ୍ୟା ସ୍ଥିତି ନାହିଁ  ଏବଂ ନଦୀଗୁଡ଼ିକର ଜଳସ୍ତର ବିପଦ ସଂକେତଠାରୁ କମ୍‌ରେ ରହିଛି; ଜଳସମ୍ପଦ ବିଭାଗର ସୂଚନା

## ଉପବର୍ଗୀକରଣ-ନିତ୍ୟାନନ୍ଦ ଗଣ୍ଡ

ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗରେ ଉପବର୍ଗୀକରଣ କରିବା ପାଇଁ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ୱାଗତ କରିଛନ୍ତି। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଗଣ୍ଡ କହିଛନ୍ତି, ଉପବର୍ଗୀକରଣ ଦ୍ୱାରା ଅବହେଳିତ ବର୍ଗର ଲୋକମାନେ ଲାଭ ପାଇବେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ତଫସିଲଭୁକ୍ତ ଜାତି ଓ ଉପଜାତି ସଂରକ୍ଷିତ ବର୍ଗ ଗୋଷ୍ଠିଗୁଡ଼ିକୁ ସଂରକ୍ଷଣ ସୁବିଧା ପ୍ରଦାନ ନିମନ୍ତେ ପଛୁଆ ଶ୍ରେଣୀ ଆଧାରରେ ଉପବର୍ଗୀକରଣ କରିପାରିବେ ବୋଲି ସୁପ୍ରିମ୍‌କୋର୍ଟ ରାୟ ପ୍ରଦାନ କରିଛନ୍ତି।

## ଜବରଦଖଲରେ ଜଙ୍ଗଲ

ଜବର ଦଖଲ ଜଙ୍ଗଲ ଜମିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ-ପିସିସିଏଫ୍ କହିଛନ୍ତି।

ସୂଚନା ଅନୁସାରେ, ରାଜ୍ୟରେ ୪୦୫ ଦଶମିକ ଶୂନ/୮ ବର୍ଗ କିଲୋମିଟର ଜଙ୍ଗଲ ଜମି ବର୍ତ୍ତମାନ ଜବରଦଖଲରେ ରହିଛି। ଦକ୍ଷିଣ ଓଡ଼ିଶାର ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାରେ ୭୨ ପ୍ରତିଶତ ଅଂଚଳ ସମ୍ପୂର୍ଣ୍ଣ ଜବରଦଖଲରେ ରହିଥିବା ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ଏପ୍ରିଲ୍ ମାସରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍-ଏନ୍‌ଜିଟି ଦେଶରେ ଜଙ୍ଗଲ ଜମିରେ ଜବରଦଖଲ ଯାଞ୍ଚ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏନ୍‌ଜିଟି ପକ୍ଷରୁ ରାଜ୍ୟ ସରକାରମାନଙ୍କୁ ଜଙ୍ଗଲ ଜମି ଜବରଦଖଲ ବାବଦରେ ସବିଶେଷ ତଥ୍ୟ ଦେବା ପାଇଁ କୁହାଯାଇଥିଲା। ଏହି କ୍ରମରେ, ରାଜ୍ୟରେ ଚଳିତବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୪୦୫ ଦଶମିକ ଶୂନ/୮ ବର୍ଗ କିଲୋମିଟର ଜଙ୍ଗଲ ଜମି ଜବଦଖଲରେ ରହିଥିବା ନେଇ ଜାତୀୟ ସବୁଜ ଟ୍ରିବ୍ୟୁନାଲକୁ ତଥ୍ୟ ଦିଆଯାଇଛି।

## ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ

ରାଜ୍ୟ ସରକାର ଓଡ଼ିଆ ଭାଷାରେ ସରକାରୀ ନଥିପତ୍ର କାର୍ଯ୍ୟ କରିବା ପାଇଁ କଡା ନିର୍ଦ୍ଦେଶ ଦେବା ପରେ ସରକାରୀ ଅଫିସ୍‌ଗୁଡ଼ିକରେ ଓଡ଼ିଆ ଭାଷାର ପ୍ରଚଳନ ତ୍ୱରାନ୍ୱିତ ହେଉଛି।

ଥାନା, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ନଥିପତ୍ର (ଫାଇଲ୍) କାର୍ଯ୍ୟ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିପରି ରାଜ୍ୟ ପୁଲିସ୍ ଡିଜିଙ୍କ କାର୍ଯ୍ୟାଳୟରୁ ମଧ ସମସ୍ତ ପୁଲିସ୍ ଏସ୍‌ପି ଓ ପୁଲିସ୍ ପ୍ରତିଷ୍ଠାନର ମୁଖ୍ୟଙ୍କୁ ସରକାରୀ ନଥିପତ୍ର ଓଡ଼ିଆରେ କାର୍ଯ୍ୟ କରିବା ପାଇଁ କୁହାଯାଇଛି। ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ

ସୁଗମ କରିବା ପାଇଁ ଉପଯୁକ୍ତ ଜ୍ଞାନ କୌଶଳର ପ୍ରୟୋଗ କରାଯିବା ନେଇ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ପଞ୍ଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀ କହିଛନ୍ତି।

## ଭୂ-ସ୍ଖଳନ-ଓଡ଼ିଆ ଡାକ୍ତର

କେରଳର ୱାୟନାଡରେ ଘଟିଥିବା ଭୂ-ସ୍ଖଳନରେ ପ୍ରାଣ ହରାଇଥିବା ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତଦେହ ଆଜି ଓଡ଼ିଶା ଅଣାଯାଉଛି। ସଡ଼କ ପଥରେ ଆମ୍ବୁଲାନ୍ସରେ ତାଙ୍କ ମରଶରୀର ଓଡ଼ିଶା ଅଣାଯାଉଥିବା ସୂଚନା ମିଳିଛି। ଡାକ୍ତର ବିଷ୍ଣୁପ୍ରସାଦଙ୍କ ପାର୍ଥିବଶରୀର ତାଙ୍କ ପୈତୃକ ଗ୍ରାମ ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ପରାଳ ଗ୍ରାମକୁ ନିଆଯିବ। ସେଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ।

ଅନ୍ୟପକ୍ଷରେ, ବିଷ୍ଣୁପ୍ରସାଦଙ୍କ ପତ୍ନୀ ପ୍ରିୟଦର୍ଶିନୀ ପାଲ ଗୁରୁତର ଅବସ୍ଥାରେ କେରଳର ଏକ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି। ଅନ୍ୟ ଜଣେ ଡାକ୍ତର ସ୍ୱୀକୃତୀ ମହାପାତ୍ର ଗୁରୁତର ଥିବା ବେଳେ ନିଖୋଜ ଥିବା ଡାକ୍ତର ସ୍ୱାଧିନ ପଣ୍ଡାଙ୍କ ଏଯାଏଁ ପତ୍ତା ମିଳିନାହିଁ।

ସୂଚନାଯୋଗ୍ୟ, କେରଳର ୱାୟନାଡ ଜିଲ୍ଲାରେ ସୋମବାର ରାତିରେ ଭୂ-ସ୍ଖଳନ ଘଟିବା ପରେ ଓଡ଼ିଶାର ଦୁଇ ଡାକ୍ତର ନିଖୋଜ ଥିବା ଜଣାପଡିଥିଲା।

## ଛାତ୍ରଛାତ୍ରୀ କ୍ୟାରିୟର କାଉନ୍‌ସେଲିଂ

ରାଜ୍ୟରେ ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନ୍‌ସେଲିଂ କରାଯିବ ବୋଲି ଓସେପା ପକ୍ଷରୁ କୁହାଯାଇଛି। ଚଳିତ ଶିକ୍ଷାବର୍ଷରୁ ବିଦ୍ୟାଳୟଗୁଡ଼ିକରେ ସେମାନଙ୍କ ଭବିଷ୍ୟତ ଶିକ୍ଷା ନେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଯିବ । ଏଥିପାଇଁ ଏକ ସ୍ୱତନ୍ତ୍ର ଓ୍ୱେବିନାର ଓସେପା ପକ୍ଷରୁ ଆସନ୍ତାକାଲି ପୂର୍ବାହ୍ନରେ ଅନୁଷ୍ଠିତ ହେବ। ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଏସ୍‌ଏସ୍‌ଡି ସ୍କୁଲରେ ଏହି କାର୍ଯ୍ୟକ୍ରମ ଅନ୍‌ଲାଇନ୍ ଜରିଆରେ ଅନୁଷ୍ଠିତ ହେବ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏହି ସମ୍ବନ୍ଧରେ ଚିଠି ଲେଖାଯାଇଛି ।

## ଜିଏସ୍‌ଟି ସଂଗ୍ରହ

ରାଜ୍ୟରେ ସାମଗ୍ରୀ ଓ ସେବାକର ଜିଏସ୍‌ଟି ସଂଗ୍ରହରେ ୨୪ ଦଶମିକ ୯/୮ ପ୍ରତିଶତ ବୃଦ୍ଧି ଘଟିଛି। ଗତ ଜୁଲାଇ ମାସରେ ୨ ହଜାର ୩୫ ଦଶମିକ ୧୮ କୋଟି ଟଙ୍କା ଆଦାୟ ହୋଇଛି। ଗତବର୍ଷ ଜୁଲାଇ ମାସରେ ଏହି ଜିଏସଟି ପରିମାଣ ୧ ହଜାର ୬୨୮ ଦଶମିକ ୪/୩ କୋଟି ଟଙ୍କା ଥିଲା। ଜୁଲାଇ ମାସ ପର୍ଯ୍ୟନ୍ତ ଜିଏସ୍‌ଟି ସଂଗ୍ରହ ପରିମାଣ ରାଜ୍ୟରେ ୮ ହଜାର ୮୬୬ ଦଶମିକ ୯/୫ କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡିଛି। ଗତବର୍ଷ

ସେହି ସମୟ ମଧ୍ୟରେ ଜିଏସ୍‌ଟି ସଂଗ୍ରହ ପରିମାଣ ୭ ହଜାର ୫୫ ଦଶମିକ ୫/୩ କୋଟି ରହିଥିଲା ।

## କିଆଫୁଲ ତାଲିମ କାର୍ଯ୍ୟକ୍ରମ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଶ୍ରୀରାଚନ୍ଦ୍ରପୁର ଗ୍ରାମପଞ୍ଚାୟତର ସଭାଗୃହଠାରେ ଓରମାସ ଏବଂ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ କିଆ ଫୁଲ, ପତ୍ର, ଏବଂ ଚେରରେ ପ୍ରସ୍ତୁତି ବିଭିନ୍ନ ହାତ ତିଆରି ଜିନିଷ ତିଆରି ଏବଂ ବିକ୍ରୟ କରି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ ।

## ପର୍ବତ ଆରୋହଣ

ପର୍ବତାରୋହୀ ବିଭାରାଣୀ ପାତ୍ର ୟୁରୋପ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ରୁଷ୍‌ର ମାଉଣ୍ଟ ଏଲ୍‌ବ୍ରୋଶ ଆରୋହଣ ଅଭିଯାନ ଆରମ୍ଭ କରିଛନ୍ତି । ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ  ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ବିଭାରାଣୀଙ୍କୁ ଭାରତର ଜାତୀୟ ପତାକା ପ୍ରଦାନ ପୂର୍ବକ ତାଙ୍କ ସଫଳତା କାମନା କରିଛନ୍ତି ।

# ପାଣିପାଗ

ରାଜ୍ୟରେ ବନ୍ୟାର ସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି କହିଛନ୍ତି। ସୂଚନା ଅନୁସାରେ, ବିଭିନ୍ନ ନଦୀର ଜଳସ୍ତର ବିପଦସଂକେତର ବହୁତ ତଳେ ରହିଛି। ବ୍ରାହ୍ମଣୀ ନଦୀରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି। ଲଘୁଚାପ ବର୍ଷା ନଦୀର ଜଳସ୍ତରକୁ ବୃଦ୍ଧି କରିବାରେ ବିଶେଷ ପ୍ରଭାବ ପକାଇବ ନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ, ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜି ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ସମ୍ବଲପୁର, ଦେବଗଡ ଓ ବରଗଡ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଗତକାଲି ବାରିପଦାରେ ସର୍ବାଧିକ ୧୫୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା।

*********************************